# NATIONAL NEWS BULLETIN (ODIA)

**23 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶ ଆଜି ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଶ୍ରାଦ୍ଧବାର୍ଷିକରେ ଅର୍ପଣ କରୁଛି ଶ୍ରଦ୍ଧାଞ୍ଜଳି ।

- ମୁମ୍ବାଇଠାରେ ଏଷ୍ଟିମେଟ୍ କମିଟିର ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କଲେ ଲୋକସଭା ବାଚସ୍ପତି

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭାଷଣ ଉପରେ ପର୍ଯ୍ୟବସିତ ପୁସ୍ତକ ଉନ୍ମୋଚନ କରିବେ ପ୍ରତିରକ୍ଷାମନ୍ତ୍ରୀ

- ଆମେରିକାର ଆକ୍ରମଣ ପରେ ତୈଳ ଏବଂ ଗ୍ୟାସ୍ ରପ୍ତାନୀ ହେଉଥିବା ହର୍‌ମୁଜ ଚ୍ୟାନେଲ୍‌କୁ ବନ୍ଦ କରିବା ଲାଗି ଇରାନର ନିଷ୍ପତ୍ତି

ଏବଂ

- ୪ଟି ରାଜ୍ୟର ୫ଟି ବିଧାନସଭା ଆସନ ଉପନିର୍ବାଚନର ଭୋଟ୍ ଗଣତି ଜାରି

## ମୁଖାର୍ଜୀ–ଶୋକଦିବସ

ଦେଶ ଆଜି ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ସେ ଦେଶର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ

ଅତୁଳନୀୟ ସାହସ ଓ ପ୍ରୟାସ ପ୍ରଦର୍ଶନ କରିଥିଲେ । ରାଷ୍ଟ୍ର ନିର୍ମାଣରେ ତାଙ୍କର ଅମୂଲ୍ୟ ଅବଦାନକୁ ସର୍ବଦା ସ୍ମରଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ନୂଆଦିଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି ।

**V/O (Nadda)**

ସେ କହିଛନ୍ତି ଡକ୍ଟର ମୁଖାର୍ଜୀ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ଥିଲେ । ଜମ୍ମୁ କାଶ୍ମୀରକୁ ଦିଆଯାଇଥିବା ସ୍ୱତନ୍ତ୍ର ମାନ୍ୟତାକୁ ସେ ବିରୋଧ କରିଥିଲେ । ୧୯୫୩ ମସିହା ଆଜିର ଦିନରେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ଶ୍ରୀନଗର ଜେଲ୍‌ରେ ରହସ୍ୟମୟ ପରିସ୍ଥିତିରେ ଦେହାନ୍ତ ହୋଇଥିଲା ।

---

# ନ୍ୟାସନାଲ କନ୍‌ଫରେନ୍ସ-ମୁମ୍ବାଇ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ମୁମ୍ବାଇରେ ଆରମ୍ଭ ହୋଇଥିବା ସଂସଦ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ଗୁଡ଼ିକର ଏଷ୍ଟିମେଟ କମିଟିର ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ପ୍ରଶାସନିକ ଦକ୍ଷତା, ଅର୍ଥନୈତିକ ଅଭିବୃଦ୍ଧି, ବଜେଟ୍ ପ୍ରସ୍ତାବ ଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଏହି ବୈଠକରେ ମତ ବିନିମୟ ହେବ । ଏଷ୍ଟିମେଟ କମିଟି କାର୍ଯ୍ୟକାରୀତା ୭୫ତମ ବର୍ଷ ପାଳନ ଅବସରରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବାଚସ୍ପତି ଓମ୍ ବିର୍ଲା

କହିଛନ୍ତି, ଆକଳନ କମିଟିର ଅଧ୍ୟକ୍ଷମାନଙ୍କ ଏହି ସମ୍ମିଳନୀ ଆର୍ଥିକ ଶୃଙ୍ଖଳା ଏବଂ ସାଙ୍ଗଠନିକ ସମନ୍ୱୟ ପ୍ରତି ସାମୂହିକ ପ୍ରତିବଦ୍ଧତାର ପ୍ରତୀକ ।

ଏହି ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶଙ୍କ ସମେତ ସମସ୍ତ ଏଷ୍ଟିମେଟ କମିଟିର ସଦସ୍ୟ ଅଂଶଗ୍ରହଣ କରିଛନ୍ତି । ମହାରାଷ୍ଟ୍ର ରାଜ୍ୟପାଳ ସି.ପି.ରାଧାକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଅଜିତ ପାୱାର, ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ନାର୍‌ୱେକର ଏବଂ ସଂସଦ ଏଷ୍ଟିମେଟ କମିଟିର ଅଧ୍ୟକ୍ଷ ଡକ୍ଟର ସଞ୍ଜୟ ଜୟସ୍ୱାଲ ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇଥିବା ଜଣାପଡ଼ିଛି ।

---

## ରାଜନାଥ-ପ୍ରେସିଡେଣ୍ଟ ବୁକ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭାଷଣ ଉପରେ ପର୍ଯ୍ୟବସିତ ପୁସ୍ତକ 'ୱିଙ୍ଗ୍‌ସ ଟୁ ଆୱାର ହୋପ୍ସ'ର ଦ୍ୱିତୀୟ ଭାଗକୁ ଉନ୍ମୋଚନ କରିବେ । ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ସିଂହ ଏହି ପୁସ୍ତକକୁ ଉନ୍ମୋଚନ କରିବେ । ରାଷ୍ଟ୍ରପତିଙ୍କ ଦ୍ୱିତୀୟ ବର୍ଷ କାର୍ଯ୍ୟକାଳରେ ୫୧ଟି ଭାଷଣ ଏହି ପୁସ୍ତକରେ ସ୍ଥାନିତ ହୋଇଛି । ରାଷ୍ଟ୍ରପତି ମୁର୍ମୁଙ୍କ ଦୃଷ୍ଟିକୋଣ, ଦର୍ଶନ ଏବଂ ପ୍ରାଥମିକତାକୁ ପୁସ୍ତକରେ ପ୍ରାଧାନ୍ୟ ଦିଆଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗାନ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ପୁସ୍ତକଟି ଇ-ସଂସ୍କରଣ ସହିତ ହିନ୍ଦୀ ଏବଂ ଇଂରାଜୀ ଉଭୟ ଭାଷାରେ ଉନ୍ମୋଚନ ହେବ ।

---

## କନିଷ୍କ ବମ୍ବିଂ-ଜୟଶଙ୍କର

କନିଷ୍କ ବିସ୍ଫୋରଣର ଆଜି ୪୦ତମ ବାର୍ଷିକୀରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ

କରିଛନ୍ତି । ୧୯୮୫ ମସିହା ଆଜିର ଦିନରେ କାନାଡାର ମଣ୍ଟ୍ରିଲ୍ ଲଣ୍ଡନ ଏବଂ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ସମୟରେ ଏୟାର ଇଣ୍ଡିଆ ବିମାନ ୧୮୨ରେ କାନାଡା ଭିତ୍ତିକ ଖଲିସ୍ଥାନୀ ଆତଙ୍କବାଦୀଙ୍କ ଦ୍ୱାରା ମଝି ଆକାଶରେ ବିସ୍ଫୋରଣ କରାଯାଇଥିଲା । ଏଥିରେ କାନାଡା ଏବଂ ଅନ୍ୟାନ୍ୟ ବିଦେଶୀ ନାଗରିକଙ୍କ ସମେତ ୩୨୯ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା । ଏହି ଆକ୍ରମଣରେ ଅନେକ ଭାରତୀୟ ନାଗରିକଙ୍କର ମୃତ୍ୟୁ ଘଟିଥିଲା । ଡକ୍ଟର ଜୟଶଙ୍କର ଏହି ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟକଳାପ ଭାବେ ବର୍ଣ୍ଣନା କରିଛନ୍ତି ।

କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆୟାରଲ୍ୟାଣ୍ଡ ଗସ୍ତ କରିଛନ୍ତି, ଯେଉଁଠାରେ ଆୟାରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ମାଇକେଲ୍ ମାର୍ଟିନ୍ ଏବଂ କାନାଡାର ଜନସୁରକ୍ଷା ମନ୍ତ୍ରୀ ଗ୍ୟାରୀ ଆନନ୍ଦ ସାଙ୍ଗରୀଙ୍କ ସହ କର୍କ ର ଆହାକିସ୍ତା ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ । ଏହି ପ୍ରତିନିଧି ମଣ୍ଡଳୀରେ ବିଜେପି ନେତା ତରୁଣ ଚୁଗ୍ ଏବଂ ବିଭିନ୍ନ ରାଜ୍ୟର ବିଧାୟକମାନେ ସାମିଲ ଅଛନ୍ତି ।

---

## ଇରାନ-ଇସ୍ରାଏଲ୍

ଇରାନ ଏବଂ ଇସ୍ରାଏଲ୍ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିବାରୁ ପରିସ୍ଥିତି ଗମ୍ଭୀର ରହିଛି । ଇରାନ ଉପରେ ଇସ୍ରାଏଲ୍ ପକ୍ଷରୁ କରାଯାଇଥିବା ଆକ୍ରମଣରେ ଆମେରିକା ଯୋଗ ଦେବା ପରେ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲ୍ଲୀ ଖାମିନୀ କହିଛନ୍ତି, ଇସ୍ରାଏଲ୍ ଉପରେ ଆକ୍ରମଣ ଜାରି ରହିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଖାମିନୀ କହିଛନ୍ତି ଇସ୍ରାଏଲ୍ ଏହି ଆକ୍ରମଣ ପାଇଁ ଦାୟୀ । ପୂର୍ବରୁ ଇରାନ ସଂସଦ

ସର୍ବସମ୍ମତିକ୍ରମେ ତୈଳ ଏବଂ ଗ୍ୟାସ୍ ପରିବହନ ମାର୍ଗ ହରମୁଜ୍ ଚ୍ୟାନେଲ୍‌କୁ ବନ୍ଦ କରିବା ଲାଗି ନିଷ୍ପତ୍ତି ନେଇଛି । ଇରାନର ପରମାଣୁ ପ୍ରତିଷ୍ଠାନ ଗୁଡ଼ିକ ଉପରେ ଆମେରିକାର ଆକ୍ରମଣ ପରେ ଏହି ନିଷ୍ପତ୍ତି ନିଆଯାଇଛି । ହର୍‌ମୁଜ୍ ଚ୍ୟାନେଲ୍ ଦେଇ ବିଶ୍ୱର ୨୦ ପ୍ରତିଶତରୁ ଅଧିକ ତୈଳ ଏବଂ ଗ୍ୟାସ୍ ରପ୍ତାନୀ କରାଯାଇଥାଏ । ଏହି ଅବରୋଧ ଜାରି ରହିଲେ ବ୍ୟାରେଲ୍ ପିଛା ତୈଳ ମୂଲ୍ୟ ୧୦୦ ଆମେରିକୀୟ ଡଲାର ଅତିକ୍ରମ କରିବ ।

ଅନ୍ୟପକ୍ଷରେ ଆମେରିକୀୟ ସେନାବାହିନୀ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି । ହର୍‌ମୁଜ୍ ଚ୍ୟାନେଲ୍ ଖୋଲା ରଖିବା ପାଇଁ ଆମେରିକା ସାମରିକ ଚାପ ପ୍ରୟୋଗ ଲାଗି ପ୍ରସ୍ତୁତ ହେଉଥିବା କୁହାଯାଇଛି ।

ଇତିମଧ୍ୟରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଘ୍‌ଚି ଆଲୋଚନା ପାଇଁ ମସ୍କୋରେ ପହଞ୍ଚିଛନ୍ତି । ଆମେରିକାର ଆକ୍ରମଣ ପରେ ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବେ ।

ଇରାନ-ଇସ୍ରାଏଲ୍ ସଂଘର୍ଷ ଓ ପରମାଣୁ ପ୍ରତିଷ୍ଠାନ ଗୁଡିକ ଉପରେ ଆକ୍ରମଣ ଘଟଣାରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ତୁରନ୍ତ ପଦକ୍ଷେପ ନେବା ପାଇଁ ଆହ୍ୱାନ ଦେଇଛନ୍ତି । ଅନୁଷ୍ଠିତ ସୁରକ୍ଷା ପରିଷଦ ବୈଠକରେ ରୁଷ ଏବଂ ଚୀନ୍ ପକ୍ଷରୁ ନିସର୍ତ୍ତ ଯୁଦ୍ଧ ବିରତି ଲାଗି ପ୍ରସ୍ତାବ ଦିଆଯାଇଛି । ପରିଷଦରେ ଇରାନର ପ୍ରତିନିଧି ଆମିର୍ ସଇଦ୍ ଇରାଭାନୀ କହିଛନ୍ତି ଆମେରିକାର ଆକ୍ରମଣ ବିରୁଦ୍ଧରେ ଇରାନ ନିଜର ସୁରକ୍ଷା

କରିବାର ଅଧିକାର ରହିଛି । ଇସ୍ରାଏଲ୍‌ର ପ୍ରତିନିଧି ଡାନି ଡାନନ୍ କହିଛନ୍ତି ଆମେରିକାର ଆକ୍ରମଣ ବିଶ୍ୱକୁ ସୁରକ୍ଷିତ ରଖିବା କ୍ଷେତ୍ରରେ ଏକ ସକାରାତ୍ମକ ପଦକ୍ଷେପ । ରୁଷ୍ ରାଷ୍ଟ୍ରଦୂତ ଭାସିଲି ନେବେଞ୍ଜିଆ କହିଛନ୍ତି, ଆମେରିକା କୂଟନୀତିରେ ଆଗ୍ରହ ପ୍ରକାଶ କରୁନଥିବା ଏହି ଆକ୍ରମଣ ଦ୍ୱାରା ସ୍ପଷ୍ଟ ହୋଇଛି ।

## ଶ୍ରୀଲଙ୍କା-ଇସ୍ରାଏଲ୍

ଇସ୍ରାଏଲ୍‌ରେ ଥିବା ଶ୍ରୀଲଙ୍କାର ନାଗରିକମାନଙ୍କୁ ନିଜ ଦେଶକୁ ଫେରିବା ଲାଗି ଭାରତ ସହାୟତା କରିବ ବୋଲି ଜଣାପଡ଼ିଛି । ଓମାନ୍‌ରୁ ନୂଆଦିଲ୍ଲୀ ଫେରିବାକୁ ଚାହୁଁଥିବା ଶ୍ରୀଲଙ୍କା ନାଗରିକମାନଙ୍କୁ ଭାରତୀୟ ବିମାନରେ ଅଣାଯିବ । ତେଲ୍ ଆଭିବ୍‌ରୁ ଓମାନ୍‌କୁ ମାଗଣା ପରିବହନ ଏବଂ ପରବର୍ତ୍ତୀ ବିମାନ ସେବା ମଧ୍ୟ ଯୋଗାଇ ଦିଆଯିବ । ତେବେ ନୂଆଦିଲ୍ଲୀରୁ କଲମ୍ବୋକୁ ଯାତ୍ରୀମାନଙ୍କୁ ଟିକେଟ୍ କ୍ରୟ କରିବାକୁ ପଡ଼ିବ । ଆଜି ଏବଂ ଆସନ୍ତାକାଲି ଇସ୍ରାଏଲ୍‌ରେ ଥିବା ଶ୍ରୀଲଙ୍କା ଦୂତାବାସରେ ଏଥିଲାଗି ପଞ୍ଜୀକରଣ କରିବା ନିମନ୍ତେ ସୂଚନା ଦିଆଯାଇଛି ।

ଇସ୍ରାଏଲ୍‌ରେ ଅବସ୍ଥାପିତ ଶ୍ରୀଲଙ୍କାର ରାଷ୍ଟ୍ରଦୂତ ନିମାଲ୍ ବନ୍ଦାରା ସେଠାରେ ରହୁଥିବା ଶ୍ରୀଲଙ୍କା ନାଗରିକମାନଙ୍କୁ ସତର୍କ ରହିବା ଲାଗି ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଇସ୍ରାଏଲ୍ ସେନା ସହ ଆମେରିକା ସାମିଲ ହୋଇଥିବାରୁ, ଆଗାମୀ ଦିନରେ ଆକ୍ରମଣ ଆହୁରି ତୀବ୍ରତର ହେବା ନେଇ ଅନୁମାନ କରାଯାଉଛି । ଭାରତ ଅପରେସନ ସିନ୍ଧୁ ଅଧୀନରେ ଇରାନରେ ଫସି ରହିଥିବା ନେପାଳ ଓ ଶ୍ରୀଲଙ୍କାର ନାଗରିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲା ।

# ବାଇପୋଲ୍ କାଉଣ୍ଟିଂ-ଆସେମ୍ବ୍ଲି

ଚାରୋଟି ରାଜ୍ୟର ପାଞ୍ଚଟି ବିଧାନସଭା ଆସନ ଉପନିର୍ବାଚନ ର ଭୋଟ ଗଣତି ଚାଲିଛି। ଗୁଜୁରାଟରେ ବିସାବାଦର ଏବଂ କାଡି ଆସନ ପାଇଁ ଭୋଟ ଗଣତି ଚାଲିଛି। କେରଳର ନିଲାମ୍ବୁର ଆସନ, ପଶ୍ଚିମବଙ୍ଗର କାଳିଗଞ୍ଜ ଏବଂ ପଞ୍ଜାବର ଲୁଧିଆନା ପଶ୍ଚିମ ପାଇଁ ମଧ୍ୟ ଭୋଟ ଗଣନା କରାଯାଉଛି। ଚଳିତ ମାସ ୧୯ ତାରିଖରେ ଏହି ଆସନ ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା।

ଲୁଧିଆନା ପଶ୍ଚିମ ବିଧାନସଭା ପାଇଁ ଭୋଟ ଗଣତି ଖାଲସା କଲେଜ ଫର୍ ଓ୍ୱିମେନ୍‌ରେ ଅନୁଷ୍ଠିତ ହେଉଛି। ଏଥିରେ ୧୪ ରାଉଣ୍ଡ ଭୋଟ ଗଣତି ହେବ। ସାଧାରଣ ପର୍ଯ୍ୟବେକ୍ଷକ ରାଜୀବ କୁମାର ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ହିମାଂଶୁ ଜୈନ ଭୋଟ ଗଣତିକୁ ଯାଞ୍ଚ କରୁଛନ୍ତି। ନିଲାମ୍ବୁର ଆସନରେ ୧୦ ଜଣ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି।

# ସିରିଆ-ସୁଇସାଇଡ୍ ବମ୍

ସିରିଆର ଦମାସ୍କସ୍ ସ୍ଥିତ ମାର୍ ଏଲିଆସ୍ ଚର୍ଚ୍ଚରେ ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି । ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି । ଗତ ସନ୍ଧ୍ୟାରେ ଚର୍ଚ୍ଚରେ ସମୂହ ପ୍ରାର୍ଥନା ଚାଲିଥିବା ବେଳେ ଜଣେ ଆତ୍ମଘାତୀ ଏହି ବିସ୍ଫୋରଣ କରିଥିବା ଜଣାପଡ଼ିଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ରକ୍ତଦାନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍‌ସର ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଗୋପାଳ ପଟ୍ଟିଦାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହି ଆଲୋଚନା ଉପଲବ୍ଧ ହେବ ।

..........................................................................